# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**15 April - 2025**

**News Editor : Tapan Kumar Maharana**

*************************************

## ମୁଖ୍ୟ ସମ୍ବାଦ

- ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ସୁଧମୁକ୍ତ ଋଣ ବ୍ୟବସ୍ଥାକୁ ୧ ବର୍ଷ ବୃଦ୍ଧି କଲେ ରାଜ୍ୟ ସରକାର
- କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ ଆସନ୍ତା ଗୁରୁବାର ଦିନ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ
- ପୁଲିସ୍ ବିଭାଗରେ ଆଉ ନୂଆ ୨ ହଜାର ୫୦୦ ଗୃହରକ୍ଷୀ ପଦବୀ ସୃଷ୍ଟି କଲେ ରାଜ୍ୟ ସରକାର
- କୁଳପତି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ନେଇ ଚାଲିଛି ଆଲୋଚନା

ଏବଂ

- କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୁଲିସ୍ ହକି ଚାମ୍ପିଅନ୍‌ସିପ୍‌ରେ ଏସ୍ଏସ୍‌ବି ଏବଂ ସିଆର୍‌ପିଏଫ୍ ମହିଳା ଦଳ ମଧ୍ୟରେ ଆଜି ଅନୁଷ୍ଠିତ ହେବ ଫାଇନାଲ ମ୍ୟାଚ୍

## ମୁଖ୍ୟମନ୍ତ୍ରୀ

ରାଜ୍ୟର ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଦିଆଯାଉଥିବା ଋଣରେ ସୁଧ ବ୍ୟବସ୍ଥାକୁ ମୁକ୍ତ ରଖିବା ପାଇଁ ସରକାର ୧ ବର୍ଷ ବୃଦ୍ଧି କରିଛନ୍ତି। ଚଳିତ ଆର୍ଥିକବର୍ଷ ପାଇଁ ଏହି ସୁଧମୁକ୍ତ ଋଣ ବ୍ୟବସ୍ଥା ଲାଗୁ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ ପରେ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏହାଦ୍ୱାରା ମହିଳା ଭାଗିଦାରୀ ଜରିଆରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଅର୍ଥନୀତି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବ୍ୟବସ୍ଥାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏହି ପଦକ୍ଷେପ ରାଜ୍ୟରେ ମହିଳା ଉଦ୍ୟୋଗୀ ଓ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ନିତିନ୍ ଗଡକରୀ-ଓଡ଼ିଶା ଗସ୍ତ

କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନିତିନ୍ ଗଡକରୀ ଆସନ୍ତା ଗୁରୁବାର ୧୭ ତାରିଖ ଦିନ ଓଡ଼ିଶା ଗସ୍ତରେ ଆସିବେ। ରାଜ୍ୟ ପୂର୍ତ୍ତ ଓ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଅନୁସାରେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡକରୀ ୧୭ ତାରିଖ ଗୁରୁବାରଦିନ ସକାଳେ  କଟକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ଣରେ

ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା କାର୍ଯ୍ୟାନ୍ୱୟନ ହେଉଥିବା ବିଭିନ୍ନ ସଡକ ପ୍ରକଳ୍ପର ସମୀକ୍ଷା କରିବେ। ଶ୍ରୀ ଗଡକରୀ  ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟାନ୍ୱୟନ ହେଉଥିବା ପ୍ରାୟ ୫ ହଜାର କୋଟିର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ବୋଲି ପୂର୍ତ୍ତମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି...

**-V/O-***(Pruthwiraj Harichandan)*

## ଗୃହରକ୍ଷୀ ପଦବୀ

ରାଜ୍ୟ ସରକାର ଗୃହରକ୍ଷୀ ପଦବୀ ସଂଖ୍ୟା ଆଉ ୨ ହଜାର ୫୦୦ ବୃଦ୍ଧି କରିଛନ୍ତି। ସରକାରଙ୍କର ଏହି ନିଷ୍ପତ୍ତି ଫଳରେ ଗୃହରକ୍ଷୀ ପଦବୀ ସଂଖ୍ୟା ୨୦ ହଜାର ୧୭୫କୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ର ମୋହନ ଚରଣ ମାଝୀଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟର ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଛି। ପୂର୍ବରୁ ଗୃହ ବିଭାଗ ଅଧୀନରେ ୧୭ ହଜାର ୬୭୫ ରହିଥିଲା। ଆଗାମୀ ଦିନରେ ପୁଲିସ୍ ବିଭାଗରେ ପ୍ରାୟ ୧୨ ହଜାର ପଦବୀ ସୃଷ୍ଟି କରାଯିବ ବୋଲି ଜଣାପଡିଛି।

## ମାଛଧରା ନିଷେଧ

ଦେଶର ସାମୁଦ୍ରିକ ସୁରକ୍ଷା ଦୃଷ୍ଟିକୋଣ ଓ ବର୍ତ୍ତମାନ ବିଭିନ୍ନ ପ୍ରଜାତି ମାଛମାନଙ୍କର ପ୍ରଜନନ ସମୟ ହୋଇଥିବାରୁ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ନ ଯିବାକୁ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

ଆଜିଠାରୁ ଆସନ୍ତାମାସ ୧୪ ତାରିଖ ପର୍ଯ୍ୟନ୍ତ ୬୧ ଦିନ ଧରି ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଂଚଳକୁ ଯନ୍ତ୍ରଚାଳିତ ଡଙ୍ଗା, ଟ୍ରଲର ଆଦି ଯୋଗେ ମାଛ ଧରିବାକୁ ନ ଯିବା ପାଇଁ ବାରଣ କରାଯାଇଛି। **ଗଂଜାମ** ଜିଲ୍ଲାର ପ୍ରୟାଗୀଠାରୁ ପଟିସୋନାପୁର ପର୍ଯ୍ୟନ୍ତ ସମସ୍ତ ୨୭ଟି ସାମୁଦ୍ରିକ ମତ୍ସ୍ୟଜୀବୀ ଗ୍ରାମବାସୀମାନଙ୍କୁ ସାଗରମିତ୍ରଙ୍କ ଜରିଆରେ ସଚେତନ କରାଯାଇଛି।

## ଧର୍ମେନ୍ଦ୍ର ପ୍ରଧାନ-ସମ୍ବଲପୁର

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ଦର୍ଶନ ସହ ଦ୍ୱିତୀୟ ପ୍ରକଳ୍ପ ଅଂଚଳର ସମୀକ୍ଷା କରିଛନ୍ତି। ପ୍ରକଳ୍ପ କାର୍ଯ୍ୟରେ ବିଭିନ୍ନ ଉନ୍ନତୀକରଣ ଏବଂ ନୂତନତ୍ୱ ଆଣିବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଜନସାଧାରଣଙ୍କ ମତାମତ ଆହ୍ୱାନ କରିଛନ୍ତି।

## କୁଳପତି ସମ୍ମିଳନୀ

ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ - ୨୦୨୪କୁ ଲାଗୁ କରିବା ପରେ ଏ ସମ୍ପର୍କରେ ସବିଶେଷ ଆଲୋଚନା ପାଇଁ ଆଜି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟରେ କୁଳପତିମାନଙ୍କର ଏକ ସମ୍ମିଳନୀର ଆୟୋଜନ କରାଯାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି, ପାଠ୍ୟକ୍ରମରେ ସମାନତା, ସ୍ନାତକୋତ୍ତର ବିଭାଗଗୁଡ଼ିକର ମିଶ୍ରଣ, ସହିତ ଭିତ୍ତିଭୂମିର ବିକାଶ ନେଇ ବୈଠକରେ ଆଲୋଚନା ଚାଲିଛି। ୧୭ଟି

ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ, ଉପ-କୁଳସଚିବ, ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି।

## ଦେଶୀ ବିହନ ପରବ୍

ପାରମ୍ପରିକ କୃଷିକୁ ବଂଚାଇ ରଖିବା ପାଇଁ **ବରଗଡ଼** ଜିଲ୍ଲାର ପାଇକମାଳ ବ୍ଲକ୍ ଅନ୍ତର୍ଗତ ଜାମସେଟ୍ ପଂଚାୟତର ଖରମାଲ୍ ଗାଁରେ ପାଳନ କରାଯାଉଛି ଦେଶୀ ବିହନ ପରବ୍। ଆଧୁନିକ କୃଷି ପଦ୍ଧତି ପରିବର୍ତ୍ତେ ପାରମ୍ପରିକ ଚାଷକୁ ଏହି ଗାଁର ଚାଷୀମାନେ ଗ୍ରହଣ କରିଥାନ୍ତି। କେବଳ ଚାଷ ନୁହେଁ ଦେଶୀ ବିହନ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରି ବିହନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ଖରମାଲ୍ ଗାଁର ଚାଷୀମାନେ ଶପଥ ନେଇଛନ୍ତି। ଦେଶୀ ବିହନ ପରବ୍ ପାଳନ ଉପଲକ୍ଷେ ଶଗଡ଼ରେ ମାଟି କଳସୀରେ ବିଭିନ୍ନ ଦେଶୀ ବିହନ ଧରି ସହର ପରିକ୍ରମା କରିଥିଲେ। ଏଭଳି କାର୍ଯ୍ୟକ୍ରମ ଆୟୋଜନର ବେଶ୍ ଗୁରୁତ୍ୱ ରହିଛି ବୋଲି ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି।

**-V/O-***(Pradip Purohit)*

## ବିଏଡ୍ ନାମଲେଖା

ଚଳିତ ଶିକ୍ଷା ବର୍ଷ ନିମନ୍ତେ ସ୍ନାତକୋତ୍ତର ଏବଂ ଦୁଇ ବର୍ଷିଆ ବି.ଏଡ୍./ ଏମ୍.ଏଡ୍/ ବି.ଏଚ୍.ଏଡ୍./ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେହିପରି ୨୦୨୫-୨୬ ନିମନ୍ତେ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ

ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ନାତକ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆବେଦନକାରୀମାନଙ୍କ ପାଇଁ ଆସନ୍ତାକାଲି ଠାରୁ କମନ୍ ଆପ୍ଲିକେସନ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହେବ। ଏହା ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ କରାଯିବ। ଛାତ୍ରଛାତ୍ରୀମାନେ ସାମ୍ସ ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।

## ଅଗ୍ନିଶମ ସେବା ସପ୍ତାହ

**ଗଞ୍ଜାମ** ଜିଲ୍ଲାର ଗୋପାଳପୁରସ୍ଥିତ ଅଗ୍ନିଶମ ଓ ଜରୁରୀକାଳୀନ ସେବା ଦକ୍ଷିଣାଂଚଳ କାର୍ଯ୍ୟାଳୟ ଅଗ୍ନିଶମ ବିଭାଗ ପକ୍ଷରୁ ୮୧ତମ ସେବା ସପ୍ତାହ ପାଳନ ଆରମ୍ଭ ହୋଇଛି। ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ପଣ୍ଡା ଏବଂ ଉପଅଗ୍ନିଶମ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି ଯୋଗଦେଇ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟରେ ମକ୍‌ଡ୍ରିଲ୍ ସମେତ ପ୍ରତିଦିନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଯୁଗ୍ମ ଅଭିଯୋଗ ଶୁଣାଣି

**ରାୟଗଡ଼ା** ଜିଲ୍ଲା ଗୁଡାରୀ ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୭ଟି ଅଭିଯୋଗ ଶୁଣାଣି ହୋଇଥିଲା।

**ନବରଙ୍ଗପୁର** ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ୪୫ଟି ଅଭିଯୋଗର ଶୁଣାଣି କରି ୪ ଜଣଙ୍କୁ ହ୍ୱିଲ୍ ଚେୟାର ଓ ଜଣେ ବ୍ୟକ୍ତିଙ୍କୁ ଶ୍ରବଣଯନ୍ତ୍ର ବଣ୍ଟନ କରିଛନ୍ତି।

# ବସ୍ ଚଳାଚଳ

କନ୍ଧମାଳ ଜିଲ୍ଲାର ଦୁର୍ଗମ ଅଞ୍ଚଳକୁ ଖୁବ୍‌ଶୀଘ୍ର ବସ୍ ଚଳାଚଳ ବ୍ୟବସ୍ଥା କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ଓ ଓଡ଼ିଶା ରାଜ୍ୟ ପରିବହନ ନିଗମର ପରିଚାଳନା ନିର୍ଦ୍ଦେଶକ କହିଛନ୍ତି । ଆସନ୍ତା ଏକମାସ ମଧ୍ୟରେ ଫୁଲବାଣୀଠାରୁ ବେଲଘର, କେରୁବାଡି, ହାତୀମୁଣ୍ଡା, ମଣ୍ଡାଶ, ଝିରିପାଣି ଓ ବିଲମାଳକୁ ୮ଟି ଶୀତତାପ ନିୟନ୍ତ୍ରିତ ସରକାରୀ ବସ୍ ଚଳାଚଳ କରିବ । ସେହିପରି ବିଭିନ୍ନ ଆନ୍ତଃଜିଲ୍ଲା ମାର୍ଗ ପାଇଁ ମଧ୍ୟ ନୂଆ ବସ୍ ଯୋଗାଇ ଦିଆଯିବ ବୋଲି ଜଣାପଡିଛି ।

## ବନଜାତ ଦ୍ରବ୍ୟ ସର୍ବେକ୍ଷଣ

**କନ୍ଧମାଳ** ଜିଲ୍ଲାର ବାଲିଗୁଡ଼ା ଓ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ତତ୍ତ୍ୱାବଧାନରେ ଲଘୁ ବନଜାତ ଦ୍ରବ୍ୟର ବ୍ୟବସାୟୀକରଣ ପାଇଁ ସର୍ବେକ୍ଷଣ ଆରମ୍ଭ ହୋଇଛି। ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଜଙ୍ଗଲଜାତ ବିଭିନ୍ନ ଦ୍ରବ୍ୟ ମହୁଲ, ଟୋଲ, ଶାଳମଞ୍ଜି, ତେନ୍ତୁଳି, ଭାଲିଆ, ସିଆଳି ଓ ଶାଳପତ୍ରକୁ ବିକ୍ରି କରି ଜୀବିକା ନିର୍ବାହ କରିଥାନ୍ତି। ତେବେ ସେମାନେ ତା'ର ଉଚିତ୍ ମୂଲ୍ୟ ପାଇନଥାନ୍ତି। ଏହାକୁ ଦୃଷ୍ଟିରେ ରଖି

ସରକାରଙ୍କ ପକ୍ଷରୁ ସ୍ଥାନୀୟ ସ୍ୱୟଂ ସହାୟକ ଦଳ ମାଧ୍ୟମରେ ମଣ୍ଡି ଖୋଲାଯାଇ ବିକ୍ରିବଟା କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

## ବିଦ୍ୟୁତ୍ ଦୁର୍ଘଟଣା

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ହାଟୁଆରୀ ଗ୍ରାମରେ ପାଟୁଆ ଶୋଭାଯାତ୍ରାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ତିହିଡି ଏବଂ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି । ଶୋଭାଯାତ୍ରା ସମୟରେ ଡିଜେ ପାଇଁ ଅନୁମତି ନଥିବାବେଳେ ଗାଡିଟି ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏଭଳି ଅଭାବନୀୟ ଘଟଣା ଘଟିଥିଲା । ତେବେ ଘଟଣାର ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତାରେ ଆଜି ଅପରାହ୍ଣ ୪ଟାରେ ଏସ୍ଏସ୍ବି ଏବଂ ସିଆର୍ପିଏଫ୍ ମହିଳା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ସେହିପରି ପୁରୁଷ ବର୍ଗରେ ସଂଧ୍ୟା ୬ଟାରେ ପଞ୍ଜାବ ଏବଂ ସିଆର୍ପିଏଫ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ ।

ସୂଚନାଯୋଗ୍ୟ, ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ମହିଳା ବର୍ଗରେ ପ୍ରଥମ ସେମିଫାଇନାଲରେ ସିଆର୍ପିଏଫ୍ ଦଳ ଉତ୍ତରପ୍ରଦେଶକୁ ୧-୦ ଗୋଲ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ସେହିପରି

ଦ୍ୱିତୀୟ ସେମିଫାଇନାଲରେ ଏସ୍ଏସ୍ବି ୨-୧ ଗୋଲ୍ରେ ଓଡ଼ିଶା ପୋଲିସ୍କୁ ପରାସ୍ତ କରିଥିଲା ।

# ପାଣିପାଗ

ଚଳିତ ସପ୍ତାହ ଶେଷ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀର ପ୍ରଭାବ ରହିବ  ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆଜି ରାଜ୍ୟର ଉପକୂଳ, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକର କେତେକ ସ୍ଥାନରେ ଝଡ଼ତୋଫାନ ଏବଂ ବର୍ଷାର ଅନୁମାନ କରାଯାଇଛି  ।

ଆସନ୍ତା ୧୨ ଘଣ୍ଟା ମଧ୍ୟରେ ୧୯ଟି ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ରହିବ। ବିଶେଷ କରି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଆସନ୍ତା ଦୁଇଦିନ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି  ।

*********************************